# NATIONAL NEWS BULLETIN (ODIA)

**26 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କଠିନ ପରିଶ୍ରମ ଏବଂ ଉଦ୍‌ଭାବନ ବଳରେ ଯୁବପିଢ଼ି ଦେଶର ସମ୍ଭାବନା ସଂପର୍କରେ ବିଶ୍ୱକୁ ଅବଗତ କରାଉଛନ୍ତି, କହିଲେ ପ୍ରଧାନମନ୍ତ୍ରୀ

- ଜାମ୍ମୁ କାଶ୍ମୀର ନିୟନ୍ତ୍ରଣରେଖାର ଏକାଧିକ ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ

- ରୋମ୍‌ର ସେଣ୍ଟମେରୀ ମେଜରର ବାସିଲିକାଠାରେ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଅନ୍ତିମ ସଂସ୍କାର ପ୍ରକ୍ରିୟା ଜାରି

- ଭାରତ ଶ୍ରାବ୍ୟ ସମ୍ମିଳନୀ ଏବଂ ପୁରସ୍କାର ୨୦୨୫ରେ ଆକାଶବାଣୀକୁ ମିଳିଲା ୬ଟି ପୁରସ୍କାର

ଏବଂ

- ଆଇପିଏଲ୍ ଟି-୨୦ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ହେବ ମୁକାବିଲା

---

## ପିଏମ୍-ରୋଜଗାରମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଅଂଶଗ୍ରହଣ ଦେଶକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ

କରିବା ସହିତ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି । ନିଜର କଠିନ ପରିଶ୍ରମ ଏବଂ ଉଦ୍ଭାବନ ବଳରେ ଯୁବପିଢ଼ି ଦେଶରେ ରହିଥିବା ସମ୍ଭାବନା ସଂପର୍କରେ ବିଶ୍ୱକୁ ଅବଗତ କରାଉଛନ୍ତି ବୋଲି ସେ କହିଛନ୍ତି । ବିଭିନ୍ନ ସରକାରୀ ପଦବୀରେ ନବନିଯୁକ୍ତ ୫୧ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ଆଜି  ପଞ୍ଚଦଶ ରୋଜଗାରମେଳାରେ ନିଯୁକ୍ତିପତ୍ର ବଣ୍ଟନ କରିବା ଅବସରରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି ।

**V/O( PM on Youth)**

ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ୍‌ରେ ସରକାର ଉତ୍ପାଦନ କ୍ଷେତ୍ରକୁ ମିଶନ ମୋଡ୍‌ରେ କାର୍ଯ୍ୟକାରି କରିବା ନେଇ ବ୍ୟବସ୍ଥା କରାଯାଇଛି । ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ଏହା ଦ୍ୱାରା ସହଯୋଗ ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ନିଯୁକ୍ତିକ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇପାରିବ । ମହାକାଶ ବିଜ୍ଞାନ  ସମେତ ବିଭିନ୍ନ କ୍ଷେତ୍ରରେ ମହିଳା ନୂତନ ଉଚ୍ଚତାକୁ ସ୍ପର୍ଶ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । **V/O(Women)**

ଶ୍ରୀ ମୋଦୀ ମୁମ୍ବାଇରେ ଆସନ୍ତାମାସ ପହିଲାରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଦୃଶ୍ୟ ଓ ଶ୍ରାବ୍ୟ ସମ୍ମିଳନୀ ୱେଭ୍‌ସ-୨୦୨୫ ଉପରେ ଆଲୋକପାତ କରିଥିଲେ । ଦେଶର ୪୭ଟି ସ୍ଥାନରେ ଆଜି ଏହି ରୋଜଗାର ମେଳା ଅନୁଷ୍ଠିତ ହୋଇଛି ।

........................................................................

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୨୧ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

# ଜେକେ-ସିଜ୍‌ଫାୟାର

ଜାମ୍ମୁ କାଶ୍ମୀର ନିୟନ୍ତ୍ରଣରେଖାର ଏକାଧିକ ଅଞ୍ଚଳରେ ଗତକାଲି ରାତିରେ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଥିଲା । ଭାରତୀୟସେନା ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ,ଭାରତ ପକ୍ଷରୁ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି । ନିୟନ୍ତ୍ରଣରେଖା ନିକଟରେ ଶାନ୍ତିଭଙ୍ଗ କରିବା ଲାଗି ଏହା ଏକ ପ୍ରୟାସ ବୋଲି ବିବେଚନା କରାଯାଇଛି । ଆଗୁଆ ଅଞ୍ଚଳଗୁଡ଼ିକ ଉପରେ ଭାରତୀୟ ସେନା ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି ।

ଅନ୍ୟପକ୍ଷରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ବିଭିନ୍ନ ଦିଗ ଉପରେ ସେନା ଏବଂ ଅନ୍ୟ ସୁରକ୍ଷା ଏଜେନ୍ସୀ ଗୁଡ଼ିକ ପକ୍ଷରୁ ସମୀକ୍ଷା କରାଯାଉଛି । ସମଗ୍ର କାଶ୍ମୀର ଅଞ୍ଚଳରେ ବିଶେଷକରି ଦକ୍ଷିଣ କାଶ୍ମୀର ଜିଲ୍ଲାଗୁଡ଼ିକରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି । ଏହି ଆକ୍ରମଣ ଘଟଣାରେ ସଂଶ୍ଲିଷ୍ଟ ଆତଙ୍କବାଦୀ ଏବଂ ସେମାନଙ୍କ ସହଯୋଗୀଙ୍କୁ ଠାବ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏର ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଏହି ଆକ୍ରମଣ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

## ବୈଷ୍ଣୋଦେବୀ-ସିକ୍ୟୁରିଟି

ଜାମ୍ମୁ କାଶ୍ମୀରର ବୈଷ୍ଣୋଦେବୀ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆସନ୍ତାମାସ ପ୍ରଥମ ସପ୍ତାହ ସୁଦ୍ଧା ରିଆସି ଜିଲ୍ଲାର କଟରା ଅଞ୍ଚଳରେ ଏକ ସମନ୍ୱିତ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ୍ ସେଣ୍ଟର-ଆଇସିସିସି କାର୍ଯ୍ୟକ୍ଷମ କରାଯିବ । ମାତା ବୈଷ୍ଣୋଦେବୀ ଶ୍ରାଇନ୍‌ବୋର୍ଡ ପକ୍ଷରୁ ଗତକାଲି ଅନୁଷ୍ଠିତ ମିଳିତ ସୁରକ୍ଷା ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ସୁରକ୍ଷା ସଂସ୍ଥା, ସେନାବାହିନୀ, ଗୁଇନ୍ଦା ସେବା ଏବଂ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହି ସେଣ୍ଟର ମାଧ୍ୟମରେ ୭ଶହ ସିସିଟିଭି କ୍ୟାମେରା ଲଗାଯିବା ସହିତ କୃତ୍ରିମ ବୁଦ୍ଧିମତ୍ତା ପରିଚାଳିତ ଅନ୍ୟାନ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି । ପିଥୁସ୍ ଏବଂ ପୋନିୱାଲାଙ୍କ ପରିଚୟ ଯାଞ୍ଚ କରିବା ନେଇ ଏକ ବ୍ୟବସ୍ଥା ପ୍ରଣୟନ କରିବାକୁ ମଧ ନିଷ୍ପତ୍ତି ନିଆଯାଇଛି ।

# ପୋପ୍ ଫନେରାଲ୍ -ପ୍ରେଜ୍ ମୁର୍ମୁ

ରୋମ୍‌ର ସେଣ୍ଟ୍ ମେରୀ ମେଜର୍‌ର ବାସିଲିକା ଠାରେ ପୋପ୍ ଫ୍ରାନ୍‌ସିସ୍‌ଙ୍କ  ଅନ୍ତିମ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି । ଭାଟିକାନ୍ ସହରର ସେଣ୍ଟ ପିଟର୍ସ ଛକରେ ଚାଲିଥିବା ଏହି ଶେକ୍ରେତ୍ୟ ସମାରୋହରେ ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ବିଶ୍ୱର ବିଭିନ୍ନ ଦେଶର ପ୍ରମୁଖ ପ୍ରତିନିଧି ଯୋଗଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲିଙ୍କ ସମେତ ଅନ୍ୟାନ୍ୟ ବିଶ୍ୱ ନେତାମାନେ ଏହି ସଂସ୍କାର ପ୍ରକ୍ରିୟାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ରାଷ୍ଟ୍ରପତି ମୁର୍ମୁଙ୍କ ସହ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍ ଏବଂ ଗୋଆ ବିଧାନସଭାର ଉପବାଚସ୍ପତି ଜୋସୁଆ ଡି ସୁଜା ଭାଟିକାନ ସିଟି ଗସ୍ତରେ ଯାଇଛନ୍ତି ।

ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ନେତୃତ୍ୱ ନେଇଥିବା ପ୍ରଥମ ଲାଟିନ୍-ଆମେରିକୀୟ ପୋପ୍ ତଥା ଭାଟିକାନ୍ ସିଟିର ମୁଖ୍ୟ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଗତ ୨୧ ତାରିଖରେ ୮୮ ବର୍ଷ ବୟସରେ ପରଲୋକ ଘଟିଥିଲା ।

ପୋପ୍‌ଙ୍କ ଅନ୍ତିମ ସଂସ୍କାର ଅବସରରେ ଆଜି ଭାରତ ରାଷ୍ଟ୍ରୀୟ ଶୋକ ପାଳନ କରୁଛି । ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ନିୟମିତ ଭାବେ

ଜାତୀୟ ପତାକା ଉତ୍ତୋଳନ କରାଯାଉଥିବା ସ୍ଥାନଗୁଡ଼ିକରେ ଆଜି ଦିନିକ ପାଇଁ ଜାତୀୟ ପତାକା ଅର୍ଦ୍ଧନମିତ ରଖାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସମାଜ ପ୍ରତି ପୋପ୍ ଫ୍ରାନ୍‌ସିସ୍‌ଙ୍କର କାର୍ଯ୍ୟକୁ ବିଶ୍ୱ ସର୍ବଦା ମନେରଖିବ ।

## ଗଭ୍-ଉଡାନ୍

ସୁଲଭ ଆଞ୍ଚଳିକ ବିମାନ ଯାତ୍ରା ଉଡାନ୍ ମାଧ୍ୟମରେ ୧ କୋଟି ୪୯ ଲକ୍ଷରୁ ଅଧିକ ଯାତ୍ରୀ ଉପକୃତ ହୋଇଛନ୍ତି । ୨୦୧୬ ମସିହା ଅକ୍ଟୋବର ମାସରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଯୋଜନା ଅଧୀନରେ ବିମାନ ବନ୍ଦରଗୁଡ଼ିକର ଉନ୍ନତିକରଣ ଏବଂ ଅଳ୍ପ ସେବା ପ୍ରାପ୍ତ ଅଞ୍ଚଳକୁ ଯୋଗାଯୋଗ ପ୍ରଦାନ କରାଯାଇଥିଲା । ୯୦ଟି ବିମାନ ବନ୍ଦରକୁ ସଂଯୋଗ କରାଯାଇଛି ୬୨୫ଟି ଉଡାଣ ମାର୍ଗ କାର୍ଯ୍ୟକ୍ଷମ କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ୨୦୧୪ରେ ଦେଶରେ ବିମାନ ବନ୍ଦର ନେଟୱର୍କ ୭୪ରେ ସୀମିତ ଥିବାବେଳେ ୨୦୨୪ରେ ଏହା ୧୫୯କୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଆକାଶବାଣୀ ଆୱାର୍ଡସ୍

ଭାରତ ଶ୍ରାବ୍ୟ ସମ୍ମିଳନୀ ଏବଂ ପୁରସ୍କାର ୨୦୨୫ରେ ଆକାଶବାଣୀ ବିଭିନ୍ନ ବିଭାଗରେ ମୋଟ୍ ୬ଟି ପୁରସ୍କାର ଲାଭ କରିଛି । ଏହି ସମ୍ମିଳନୀର ତୃତୀୟ ସଂସ୍କରଣ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିଲା ।

ରେଡିଓ ଏବଂ ଅଡ଼ିଓ ପ୍ରସଙ୍ଗ କାର୍ଯ୍ୟକ୍ରମରେ ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ ସହିତ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ କାର୍ଯ୍ୟକ୍ରମ **ନଇ ଶୋଚ୍ ନଇ କହାଣୀ –ସ୍ମୃତି ଇରାନୀଙ୍କ ସହ ରେଡିଓ ଯାତ୍ରା**କୁ ଚଳିତବର୍ଷ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ୧୩ଟି ଏପିସୋଡ୍‌ର ଏହି ଧାରାବାହିକରେ ମହିଳାଙ୍କର ଧୈର୍ଯ୍ୟ ଏବଂ ସଂକଳ୍ପର କାହାଣୀ ଆଧାରିତ କାର୍ଯ୍ୟକ୍ରମମାନ ପ୍ରସାରିତ ହୋଇଥିଲା । ଗତବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ହୋଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାର ପ୍ରସାରଣ ସହିତ ଏହି ଧାରାବାହିକ ଶେଷ ହୋଇଥିଲା । ଆକାଶବାଣୀ ସମ୍ବାଦସେବା ବିଭାଗର ଲୋକପ୍ରିୟ ସାପ୍ତାହିକ ଫୋନ୍ ଇନ୍ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ବର୍ଗରେ ଶ୍ରେଷ୍ଠ ପୁରସ୍କାରର ମାନ୍ୟତା ମିଳିଛି ।

ଅନ୍ୟାନ୍ୟ ବର୍ଗରେ ମଧ୍ୟ ଆକାଶବାଣୀର କାର୍ଯ୍ୟକ୍ରମଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଛି । ଲଘୁ ବିଷୟବସ୍ତୁ ଆଧାରିତ କାର୍ଯ୍ୟକ୍ରମ ସୃଜନଶୀଳ ଉତ୍କର୍ଷ ପ୍ରଦର୍ଶନ କରି ଆକାଶବାଲୀ ଶ୍ରେଷ୍ଠ ଆନ୍ତର୍ଜାତିକ ପୁରସ୍କାର ପାଇଛି । ଗତକାଲିର ପୁରସ୍କାର ବିତରଣ ସମାରୋହରେ ଯୋଗଦେଇ ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର’ ଅଡିଓ ଶିଳ୍ପର ବିକାଶ ଉପରେ ଆଲୋକପାତ କରିଥିଲେ । ଲୋକସେବା ପ୍ରସାରଣୀକାରୀ ଭାବରେ ଆକାଶବାଣୀ ଦେଶବାସୀଙ୍କ ସ୍ୱାର୍ଥକୁ ବଜାୟ ରଖି ସୂଚନା, ଶିକ୍ଷା ଓ ମନୋରଂଜନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ଆସିଛି ବୋଲି ସେ କହିଛନ୍ତି ।

---

# ଏମ୍‌ପି-ନକ୍ସଲ

ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲା ଅନ୍ତର୍ଗତ କାହ୍ନା ଜାତୀୟ ଉଦ୍ୟାନର ସୁପ୍‌ଖର ଜଙ୍ଗଲାଞ୍ଚଳରେ ଆଜି ଭୋର ସମୟରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ୪ ଜଣ ମହିଳା ନକ୍ସଲଙ୍କର ମୃତ୍ୟୁ ହୋଇଛି । ନକ୍ସଲ ଗୋଷ୍ଠୀର ଏହି ସଦସ୍ୟଙ୍କ ଉପରେ ୬୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ବାଲାଘାଟ ଆରକ୍ଷୀ ଅଧିକ୍ଷକ ନଗେନ୍ଦ୍ର କୁମାର ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନକ୍ସଲ ବିରୋଧୀ ଅଭିଯାନ ସମୟରେ ଏହି ଗୁଳି ବିନିମୟ ହୋଇଥିଲା । ନକ୍ସଲବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଅଭିଯାନକୁ ଜୋରଦାର କରାଯାଇଛି ବୋଲି ସେ କହିଛନ୍ତି ।

---

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଖେଳାଯିବ ।

ପଏଣ୍ଟ ତାଲିକାରେ ପଞ୍ଜାବ ୮ଟି ମ୍ୟାଚ୍‌ରୁ ୫ଟିରେ ବିଜୟ ହାସଲ କରି ପଞ୍ଚମ ସ୍ଥାନରେ ଥିବା ବେଳେ କୋଲ୍‌କାତା ୮ଟିରୁ ୩ଟିରେ ବିଜୟ ହାସଲ କରି ସପ୍ତମ ସ୍ଥାନରେ ରହିଛି । ଗତକାଲି ସନରାଇଜର୍ସ ହାଇଦ୍ରାବାଦ ୫ ୱିକେଟ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌ସକୁ ପରାସ୍ତ କରିଥିଲା ।